# ଜିଲ୍ଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ








ବାଲେଶ୍ୱର,୨୭ ।୧(ସମିସ)

ବାଲେଶ୍ୱର ପୁଲିସ ପରେଡ ପଡିଆଠାରେ ଜିଲ୍ଲା ସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ସମବେତ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିୱାକର, ଡିଆଇଜି ପିନାକୀ ମିଶ୍ର, ଉପଜିଲ୍ଲାପାଳ ଶିବ ମାଲବ୍ୟଙ୍କ ସହ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ। ଉକ୍ତ ଦିନ ସକାଳେ ସହରରେ ରାମଧୂନ ପରିବେଷଣ କରାଯାଇଥିଲା। ପରେ ଜିଲ୍ଲାପାଳଙ୍କ ଆବାସ, କାର୍ଯ୍ୟାଳୟ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ସମସ୍ତ ସରକାରୀ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ ଓ ସାମ୍ବାଦିକ ପ୍ରକୋଷ୍ଠରେ ଜିଲ୍ଲାପାଳ ମହୋଦୟ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପୁଲିସ ରିଜର୍ଭ ପଡିଆ ଠାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପତାକା ଉତ୍ତୋଳନ ପରେ ପରେଡ, ପ୍ରଜ୍ଞାପନ ମେଢ଼, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁଲିସ ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମୋଟ ୫୪ଟି କଣ୍ଟିଜେଣ୍ଟ ପରେଡରେ ଭାଗ ନେଇଥିଲେ। ୫ଟି ପ୍ରଜ୍ଞାପନ ମେଢ଼ ଓ ୫ଟି ସାଂସ୍କୃତିକ ଦଳ ସହ ମହାବୀର ଆଖଡ଼ା ସଂଘ ଅଂଶଗ୍ରହଣ କରିଥିଲେ। ପ୍ରତିଭାସମ୍ପନ୍ନ ବ୍ୟକ୍ତିମାନଙ୍କୁ ମାନପତ୍ର ପ୍ରଦାନ ସହ ପରେଡ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଜୟୀ ଦଳମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ମନ୍ତ୍ରୀ ଓ ଜିଲ୍ଲାପାଳ ପ୍ରମୁଖ ରୋଟାରୀ କ୍ଲବର ପୁଷ୍ପମେଳା, ରକ୍ତଦାନ ଶିବିର ପରିଦର୍ଶନ କରି ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ଅପରାହ୍ନରେ ଜିଲ୍ଲା ପ୍ରଶାସନ ଓ ସାମ୍ବାଦିକମାନଙ୍କ ମଧ୍ୟରେ ବନ୍ଧୁତାପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଗାନ୍ଧୀ ସ୍ମୃତି ଭବନରେ ସାଂସ୍କୃତିକ ସନ୍ଧ୍ୟା ଆୟୋଜିତ ହୋଇ ଚିତ୍ରାଙ୍କନ, ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଥିଲା।

**ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ :** ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ ବାଲେଶ୍ୱର ଶାଖା ପକ୍ଷରୁ ୭୭ତମ ଗଣତନ୍ତ୍ର ଦିବସ ସଭାପତି ଚତୁର୍ଭୁଜ ଜେନାଙ୍କ ନେତୃତ୍ୱରେ ବାଲେଶ୍ୱର ରେଳଷ୍ଟେସନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ପୂର୍ବତନ ସଭାପତି ରମେଶ ଚନ୍ଦ୍ର ଜେନା ପତାକା ଉତ୍ତୋଳନ କରିଥିଲେ।

**ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ :** ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସଭାପତି ଇଂ ବନମାଳୀ ନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ଶ୍ରୀଜଗନ୍ନାଥ ପବ୍ଲିକ ସ୍କୁଲ :** ଶ୍ରୀ ଜଗନ୍ନାଥ ପବ୍ଲିକ ସ୍କୁଲର ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଶ୍ରୀଜଗନ୍ନାଥ ପବ୍ଲିକ ସ୍କୁଲର ଉପଦେଷ୍ଟା, ବିଶିଷ୍ଟ ସମାଜସେବୀ ନୃତ୍ୟ-ସଂଗୀତାଗ୍ରହୀ ଅନସୂୟା ନାୟକ ମୁଖ୍ୟ ତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଶିକ୍ଷାନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ଭାସ୍କର ଚନ୍ଦ୍ର ପାଣିଗ୍ରାହୀ, ଉପସଭାପତି କବି ଶ୍ରୀଦେବ ପ୍ରମୁଖ ଯୋଗଦେଇ ଥିଲେ।

**ଚେତନା :** ସହରର ବିଦ୍ୟୁତମାର୍ଗ ସ୍ଥିତ ସାମାଜିକ ସଙ୍ଗଠନ ଚେତନା କାର୍ଯ୍ୟାଳୟ ପରିସରରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସଙ୍ଗଠନର ଉପସଭାପତି ସିଦ୍ଧାନ୍ତ ଶେଖର ରାଉତ ପତାକା ଉତ୍ତୋଳନ କରିଥିଲେ।

**କଂଗ୍ରେସ କାର୍ଯ୍ୟାଳୟ:** ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ପରିସରରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସଦର ବିଧାୟିକା ପ୍ରାର୍ଥିନୀ ମୋନାଲିସା ସାମଲ ଯୋଗଦେଇ ପତାକା ଉତ୍ତୋଳନ କରି ସମସ୍ତ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନ ଜଣାଇଥିଲେ।

**ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନ:** ସ୍ଥାନୀୟ ହଳଦୀପଦା ଠାରେ ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିଥି ଭାବେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଭାପତି କାର୍ତ୍ତିକଚନ୍ଦ୍ର ବାରିକ, ଅଗ୍ରୱାଲା ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ରନିତା ପାତ୍ର ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ।

**ଖବରକାଗଜ ବିତରକ ସଂଘ:** ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାର୍ଯ୍ୟାଳୟ ପରିସରରେ ଖବରକାଗଜ ବିତରକ ସଂଘ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ମୁଖ୍ୟଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ପତାକା ଉତୋଳନ କରିଥିଲେ। ସଂଘ ସଭାପତି ଅରୁଣ କୁମାର ସ୍ୱାଇଁଙ୍କ ସମେତ ସମ୍ପାଦକ ଅନିରୁଦ୍ଧ ଲେଙ୍କା, ଉପସଭାପତି ଅଭୟ ପ୍ରଧାନ, କୋଷାଧ୍ୟକ୍ଷ ଯୋଗେନ୍ଦ୍ର ତପସ୍ୱୀ, ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ ସମେତ ଖବରକାଗଜ ବିତରକ କରୁଣାକର ରାଉତ, ଉମାକାନ୍ତ ରାଉତ,କମଳ ଲୋଚନ ରାଉତ, ଅଜୟ ଲେଙ୍କା, ରତିକାନ୍ତ ରାଉତ, ଗଜେନ୍ଦ୍ର ତପସ୍ୱୀ, ଗୌରଗୋପାଳ ଦାସ ଉପସ୍ଥିତ ଥିଲେ।

**ଟାଉନ ହାଇସ୍କୁଲ:** ସ୍ଥାନୀୟ ଟାଉନ ସରକାରୀ ହାଇସ୍କୁଲରେ ସାଧାରଣତନ୍ତ୍ର ଦିବସ ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟରଞ୍ଜନ ଭୂୟାଁଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଏସ୍‌ଏମସି ସଭାପତି ରାକେଶ ଖୁଣ୍ଟିଆ, ଆଲୁମିନି ସଭାପତି ସୁବ୍ରତ କର ସ୍ଥାନୀୟ କାଉନ୍‌ସିଲର ପଦ୍ମଲୋଚନ ଲେଙ୍କ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ଖେଳ ଶିକ୍ଷକ ପ୍ରିତମ କୁମାର ଦାସ କାର୍ଯ୍ୟ ପରିଚାଳନ କରିଥିଲେ।

**ଫକୀରମୋହନ ବିଶ୍ୱବିଦ୍ୟାଳୟ :** ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ କୁକୁମୀନା ଦାସ, ଉନ୍ନୟନ ଅଧିକାରୀ ପବିତ୍ର ମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଫେସର ଭାସ୍କର ବେହେରା ବକ୍ତବ୍ୟ ରଖିଥିଲେ।

**ଜିଲ୍ଲା କ୍ରୀଡ଼ା ସଂଘ:** ଜିଲ୍ଲା କ୍ରୀଡା ସଂଘ ସମସ୍ତ ସଭ୍ୟ ଓ ଖେଳାଳୀ ମାନେ ସାଧାରଣତନ୍ତ୍ର ଦିବସ ପରମିଟ ପଡିଆଠାରେ ପାଳନ କରିଥିଲେ। କ୍ରୀଡା ସଂଘ ବରିଷ୍ଠ ସଭ୍ୟ ଲକ୍ଷ୍ମୀନାରାୟଣ ମିଶ୍ର ପତାକା ଉତ୍ତୋଳନ କରିଥିଲେ। ଉପସଭାପତି ଜଗଦିଶ ବେହେରା, କୋଷାଧ୍ୟକ୍ଷ ବିଷ୍ଣୁ ପ୍ରସାଦ ମହାନ୍ତି, ଯୁଗ୍ମ ସମ୍ପାଦକ ବିରେନ୍ଦ୍ର କୁମାର ସ୍ୱାଇଁ, ଅଜିତ ପାତ୍ର, ସଂଜୟ ଲେଙ୍କା, ଜନ୍ମେଜୟ ଦେ, ନିମାଇଁ ଚରଣ ରାଉରରାୟ ଉପସ୍ଥିତ ଥିଲେ।

**ଡ୍ରିମ୍ସ ଆଇଡିଆଲ୍ ସ୍କୁଲ:** ସାଧାରଣତନ୍ତ୍ର ଦିବସ ଡ୍ରିମ୍ସ ଆଇଡିଆଲ୍ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ଏଥିରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ ମୁଖ୍ୟଅତିଥି ରୂପେ ପତାକା ଉତ୍ତୋଳନ କରିଥିଲେ। ବିଦ୍ୟାପୀଠ ପ୍ରତିଷ୍ଠାତା ଗଙ୍ଗାଧର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାପୀଠ ଅଧକ୍ଷା ପୁଷ୍ପିତା ମହାନ୍ତି, ରେହାନା ବେଗମ୍, ଆରତୀବାଳା ଦାସ, ଅନୀତା ରାଣୀ ଦାସ, ମାମୁନି ସ୍ୱାଇଁ, ଆଞ୍ଚଲପ୍ରିୟା ବେହେରା, ଜୟସ୍ମିତା ପଣ୍ଡା, ଗୀତା ରାଣୀ ଦାସ, ପୂଜା ପରିଡ଼ା, ବୈଶାଖୀ ରାଧିକା ସାହୁ, ନମିତା ବାଗ୍, ରଜତ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

**ଚାନ୍ଦିପୁର ଡିଆରଡିଓ ରେଞ୍ଜ ସ୍କୁଲ:** ଚାନ୍ଦିପୁରସ୍ଥିତ ରେଞ୍ଜ ସ୍କୁଲ ପରିସରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଡିଆରଡିଓ ଚାନ୍ଦିପୁର ପିଏକ୍ସଇର ଡାଇରେକ୍ଟର ବୈଜ୍ଞାନିକ ସୁବୋଧ କୁମାର ନାୟକ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସ୍କୁଲର ସେକ୍ରେଟାରୀ ତଥା ପିଏକ୍ସଇ ବୈଜ୍ଞାନିକ ରତ୍ନାକର ସାଠୁଆ ମହାପାତ୍ର, ସ୍କୁଲର ପ୍ରିନ୍ସିପାଲ ଡ. ପ୍ରମୋଦ କୁମାର ସା ଛାତ୍ରଛାତ୍ରୀଙ୍କୁ ଦେଶପ୍ରତି ନିଜକୁ ଉତ୍ସର୍ଗୀକୃତ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ କହିଥିଲେ। ରେଞ୍ଜ ସ୍କୁଲର ପ୍ରିନ୍ସିପାଲ ଡ. ପ୍ରମୋଦ କୁମାର ସା'ଙ୍କ ସମେତ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ସୁଶାନ୍ତ ରଣା, ତନ୍ମୟ ନାୟକ, ଗୀତିକୃଷ୍ଣ ଦାସ, ଲକ୍ଷ୍ମୀପ୍ରିୟା ରାଉତ, ନିତ୍ୟ ନିରଞ୍ଜନ ରାଉତରାୟ, ଡ. ପ୍ରତାପ କେଶରୀ ହୋତା, ଶୁଭାକର ମହନ୍ତା, ତୃଷ୍ଣା ପାଣିଗ୍ରାହୀ, ସନ୍ଧ୍ୟାରାଣୀ ମହାପାତ୍ର, କ୍ରୀଷ୍ଣା ପାଣିଗ୍ରାହୀ, ମୋନାଲିସା ଖୁଣ୍ଟିଆ, ମନୀଶା ସାହୁ, ରଶ୍ମିରେଖା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁ ବିବାହମୁକ୍ତ ଭାରତ ଗଠନ ପାଇଁ ସାଇକଲ୍ ରାଲି




ବାଲେଶ୍ୱର,୨୭।୧(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଜାତୀୟ ଆଇନସେବା ପ୍ରାଧିକରଣର ଆଶା (ସଚେତନତା, ସହାୟତା, ସହଯୋଗ ଏବଂ କାର୍ଯ୍ୟାନୁଷ୍ଠାନ) 'ପ୍ରାମାଣିକ କାର୍ଯ୍ୟ ପଦ୍ଧତି' ଅନୁଯାୟୀ ଶିଶୁ ବିବାହମୁକ୍ତ ଭାରତ ଗଠନ ପାଇଁ ଏକ ସାଇକଲ୍ ରାଲିର ଆୟୋଜନ କରାଯାଇଥିଲା। ରାଲିକୁ ଜିଲ୍ଲା ଏବଂ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ସତ୍ୟନାରାୟଣ ମିଶ୍ର ଶୁଭାରମ୍ଭ କରିଥିଲେ। ଏହି ରାଲିକୁ ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତର ବିଚାରପତି ତଥା ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ସୁମନ୍ ଜେନା ପରିଚାଳନା କରିଥିଲେ। ରାଲିର ପରିସମାପ୍ତି ପରେ ଜିଲ୍ଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱର ଆନୁକୂଲ୍ୟରେ ଜାତୀୟ ଆଇନସେବା ପ୍ରାଧିକରଣର ପରିବେଶିକ ନ୍ୟାୟ ସଚେତନ୍ତା ଅଭିଯାନ 'ଆଜି ସୁରକ୍ଷିତ ରହନ୍ତୁ କାଲି ନିଶ୍ଚିତ ରୁହନ୍ତୁ' ଯୋଜନା ଅନୁଯାୟୀ ଷ୍ଟେସନ ଛକ ସ୍ଥିତ ନ୍ୟାୟିକ କଲୋନୀ ପରିସରରେ ବୃକ୍ଷରୋପଣ କରାଯାଇଥିଲା।

## ମାରାଂବୁରୁ ଆଦିବାସୀ ଓ ଦଳିତ ବିକାଶ ମଞ୍ଚର ବାର୍ଷିକ ଉତ୍ସବ

ବାଲେଶ୍ୱର,୨୭ ।୧(ସମିସ): ଚଳିତବର୍ଷ ୭୭ତମ ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ମାରାଂବୁରୁ ଆଦିବାସୀ ଓ ଦଳିତ ବିକାଶ ଲୋକମଂଚର ବାର୍ଷିକ ଉତ୍ସବ ଓ ପାରମ୍ପରିକ ଲୋକନୃତ୍ୟ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଚାନ୍ଦମାରି ପଡ଼ିଆରେ ଅନୁଷ୍ଠିତ ଏହି ଉତ୍ସବରେ ସହର ଓ ସହର ଉପାନ୍ତ ଅଞ୍ଚଳରୁ ଶତାଧିକ ଆଦିବାସୀ ପରିବାରର ଯୁବକଯୁବତୀ ଯୋଗ ଦେଇଥିଲେ। ମାଦଳ ଓ ଧୁମୁଷା ବାଦ୍ୟର ତାଳେତାଳେ ସେମାନେ ଦଳଦଳ ହୋଇ ନୃତ୍ୟ କରିଥିଲେ। ଅନୁଷ୍ଠିତ ସାଧାରଣ ସଭାରେ ମଂଚର କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର କୁମାର ଉପାଧ୍ୟାୟ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଭଗବାନ ମହନୀ ପ୍ରାରମ୍ଭିକ ସୂଚନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମଂଚର ସଭାପତି ଗେଡ଼ା ମୁର୍ମୁ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ସମ୍ମାନିତ ଅତିଥି ଭାବେ ପୌରାଧକ୍ଷା ସବିତା ସାହୁ,ଓକିଲ ସଂଘର ସଭାପତି କେଶବ ଚନ୍ଦ୍ର ଆଚାର୍ଯ୍ୟ, କାଉନସିଲର ଦେବାଶିଷ ସିଂହ ଓ ରଞ୍ଜିତା ମହାପାତ୍ର,ବରିଷ୍ଠ ଆଇନଜୀବୀ ନିରଞ୍ଜନ ପରିଡ଼ା,ସୂର୍ଯ୍ୟକାନ୍ତ କର,ମନୋଜ ନାୟକ ଓ ମହମ୍ମଦ ଇସଲାମ ଯୋଗଦେଇ ମତ ଦେଇଥିଲେ। ସମାଜସେବା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ରଘୁନାଥ ଲେଙ୍କା, ସରସ୍ୱତୀ ପଣ୍ଡା,ଇଂ ଡମ୍ବରୁଧର ପ୍ରଧାନ ଓ ଗୌରାଙ୍ଗ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବ ସ୍ଥଳରେ ସ୍ଥାୟୀ ଆଲୋକ ବ୍ୟବସ୍ଥା କରିବାକୁ ପୌରାଧକ୍ଷାଙ୍କୁ ମଂଚରୁ କର୍ମକର୍ତାମାନେ ଅନୁରୋଧ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ହୋଇଥିବା ଫୁଟବଲ ଖେଳରେ ବିଜେତା ଦଳଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ପୌରାଂଚଳ ପକ୍ଷରୁ ସ୍ଥାନୀୟ ଅଂଚଳରେ କାର୍ଯ୍ୟ କରୁଥିବା ସଫେଇ କର୍ମଚାରୀ ସସ୍ମିତା ଗିରି ଓ ରଶ୍ମିତା ବେହେରାଙ୍କୁ ପୌରାଧକ୍ଷା ପ୍ରଶଂସାପତ୍ର ଓ ଉପାୟନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଧରେନ୍ଦ୍ର ବାରିକ, ମହାନ୍ତି ମାଝୀ, ସୁରଜ ବିଶାଲ, କାହ୍ନୁ ସୋରେନ,ସନ୍ତୋଷ ସେନ, ସଂଯୁକ୍ତା ବେହେରା ଓ ସୁଧୀର ଦାସ ପ୍ରମୁଖ ପରିଚାଳନା କରିଥିଲେ। ଶିକ୍ଷାବିତ ଜିତେନ୍ଦ୍ର ପ୍ରହରାଜ ଧନ୍ୟବାଦ ଦେଇଥିଲେ।



## ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ



ନୀଳଗିରି, ୨୬।୧ (ସମିସ): ନୀଳଗିରି ଉପଖଣ୍ଡ ସଦର ମହକୁମାରେ ୭୭ତମ ଉପଖଣ୍ଡ ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ନୀଳଗିରି ସହରାଞ୍ଚଳରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଭାତ ଫେରି, ସରକାରୀ, ବେସରକାରୀ ଅନୁଷ୍ଠାନ ଏବଂ ବାସଭବନ ମାନଙ୍କରେ ସକାଳ ୭.୩୦ ମଧ୍ୟରେ ପତାକା ଉତ୍ତୋଳନ କରାଯାଇଥିଲା। ପରେ ପରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ଗଣ ସକାଳ ୮ ଘଟୀକା ସମୟରେ ଆନୁଷ୍ଠାନିକ ଉତ୍ସବ ଆୟୋଜିତ ଥାନା ସମ୍ମୁଖ ଷ୍ଟାଡିୟମ ପଡିଆରେ ସମ୍ମିଳିତ ହୋଇଥିଲେ। ଏହି ପବିତ୍ର ଜାତୀୟ ଦିବସ ଉତ୍ସବ ଆୟୋଜିତ ସ୍ଥାନୀୟ ଥାନା ସମ୍ମୁଖ ଷ୍ଟାଡିୟମ ପଡିଆରେ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ସକାଳ ୮.୩୦ରେ ଆନୁଷ୍ଠାନିକ ଭାବେ ଜାତୀୟ ପତାକାକୁ ମର୍ଯ୍ୟାଦା ପୂର୍ବକ ଉତ୍ତୋଳନ କରି ଥିଲେ। ପୁଲିସ ବାହିନୀ ପକ୍ଷରୁ ମୁଖ୍ୟ ଅତିଥିଙ୍କୁ ସଲାମୀ ପ୍ରଦାନ କରିବା ପରେ ପରେ ମୁଖ୍ୟ ଅତିଥି ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ସିଭିଲିଆନ ଓ ଅଣ ସିଭିଲିଆନ ମୋଟ ୪୨ଟି ପରେଡ ପରିଦର୍ଶନ କରି ସମବେତ ଜନତାଙ୍କୁ ଉଦବୋଧନ ଦେଇଥିଲେ। ପରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସମ୍ମିଳିତ ପରେଡ ପ୍ରଦର୍ଶନ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଏବଂ ୪ଟି ସ୍ତରରେ ଦେଶାବୋଧକ ସଙ୍ଗୀତ, ଚିତ୍ରାଙ୍କନ, କୁଇଜ୍ ବକ୍ତୃତା, ତର୍କ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏତଦ୍ ଭିନ୍ନ ନୀଳଗିରି ଉପଖଣ୍ଡର କୃଷି କ୍ଷେତ୍ରରେ ଜଣେ ଅଗ୍ରଣୀ କୃଷକ ଏବଂ ଉଦ୍ୟାନ କୃଷି କ୍ଷେତ୍ରରେ ସଫଳ ମହିଳା ଚାଷୀଙ୍କୁ ସାମ୍ବାଦିକ ସତ୍ୟାନନ୍ଦ ପାତ୍ରଙ୍କ ତରଫରୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ।

## ଖଇରା ଆଦର୍ଶ ଶିକ୍ଷା ମନ୍ଦିରର ବାର୍ଷିକ ଉତ୍ସବ

ଖଇରା,୨୭ ।୧ (ସମିସ): ବାଲେଶ୍ୱର ଜିଲ୍ଲା ଖଇରାସ୍ଥିତ ଆଦର୍ଶ ଶିକ୍ଷା ମନ୍ଦିରର ୩୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଭାତ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଖଇରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାରାୟଣ ସାହୁ ମୁଖ୍ୟ ଅତିଥି, ସହକାରୀ ଅଧ୍ୟାପକ ସୁବ୍ରତ କୁମାର ସେନାପତି ମୁଖ୍ୟବକ୍ତା, ସଂସ୍କୃତ ଅଧ୍ୟାପକ ଦ୍ୱାରିକାନାଥ ଶତପଥି ସମ୍ମାନୀତ ବକ୍ତା, ରାଜସ୍ୱ ପରିଦର୍ଶିକା ଶୁଭଶ୍ରୀ ସାୟଦର୍ଶନୀ ଜେନା ସମ୍ମାନନୀୟ ବକ୍ତା ଭାବେ ଯୋଗ ଦେଇ ଥିଲେ। ପ୍ରଧାନଶିକ୍ଷକ ମଣିକିଙ୍କର ଜେନା ବିବରଣୀ ପାଠ,ସହକାରୀ ଶିକ୍ଷକ ପ୍ରହ୍ଲାଦ ରାୟ ଅତିଥି ପରିଚୟ,ତପନ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଓସିଏସ ପରୀକ୍ଷାରେ କୃତିତ୍ୱ ଅର୍ଜନକାରୀ ପୁରାତନ ଛାତ୍ରୀ ମୋନାଲିସା ରାଉତ, ଏମବିବିଏସ ଛାତ୍ର ରଶ୍ମିରଞ୍ଜନ ପାଣିଗ୍ରାହୀ, ତୃତୀୟ ଶ୍ରେଣୀରେ ବୃତ୍ତି ପାଇଥିବା ବିଶ୍ୱରଞ୍ଜନ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସରିଲା 'ଏକ୍ସପୋ ଓଡ଼ିଶା'
# ୬ ଦିନରେ ୧୦ କୋଟିର କାରବାର

ବାଲେଶ୍ୱର,୨୭।୧(ସମିସ)





ଭାରତ ସରକାରଙ୍କ ଏମଏସଏମଇ ଉନ୍ନୟନ ସଂସ୍ଥା, ଓଡିଶା ସରକାରଙ୍କ ଏମଏସଏମଇ ବିଭାଗ, ବାଲେଶ୍ୱର ଜିଲ୍ଲା ପ୍ରଶାସନ, ଜିଲ୍ଲା କ୍ଷୁଦ୍ର ଶିଳ୍ପ ସଂଘ ଓ ଉତର ଓଡିଶା ଶିଳ୍ପ ଓ ବାଣିଜ୍ୟ ମହାସଂଘ (ନୋସି) ମିଳିତ ସହଯୋଗରେ ବାଲେଶ୍ୱର ଶିଳ୍ପ ଓ ବାଣିଜ୍ୟ ସଂଘ (ବିସିଆଇସି) ପକ୍ଷରୁ ଚାଲିଥିବା ଜାତୀୟସ୍ତରର ଶିଳ୍ପ ପ୍ରଦର୍ଶନୀ ଓ ବାଣିଜ୍ୟ ମେଳାର ୨୩ତମ ସଂସ୍କରଣ "ଏକ୍ସପୋ ଓଡିଶା -୨୦୨୬' ଉଦଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳ୍ପ ପ୍ରତିଷ୍ଠା ନେଇ ଯୁବ ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରିବା ସହିତ ଶିଳ୍ପ ଓ ବାଣିଜ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଆୟୋଜିତ ଏକ୍ସପୋ ଓଡିଶାର ଉଦ୍ଦେଶ୍ୟ ପୂରଣ ହେବ ବୋଲି ଆଶାପ୍ରକାଶ କରିଥିଲେ। ବିସିଆଇସି ସଭାପତି ସଞ୍ଜୟ ଦାସ ଅଧକ୍ଷତା କରିଥିଲେ। ଏକ୍ସପୋରେ ଖୋଲାଯାଇଥିବା ବିଭିନ୍ନ ବିଭାଗର ୩୬୦ଟି ଷ୍ଟଲ ମାଧ୍ୟମରେ ୬ ଦିନରେ ପ୍ରାୟ ୧୦ କୋଟି ଟଙ୍କାର ବ୍ୟବସାୟ ହୋଇଥିବା ସେ ସୂଚନା ଦେଇଥିଲେ। ବିସିଆଇସି ଉପସଭାପତି ଭଗବାନ ଗୁପ୍ତା, ସାଧାରଣ ସମ୍ପାଦକ ସୁନୀଲ କୁମାର ମୋଦି, ସମ୍ପାଦକ ଶିବୁ ପୋଦାର ପ୍ରମୁଖ ଏଥିରେ ବକ୍ତବ୍ୟ ଦେଇଥିଲେ। ଶେଷରେ ବିସିଆଇସି ସେବା ବିଭାଗ ସମ୍ପାଦକ ଶ୍ୟାମ ସୁନ୍ଦର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କ୍ଷୁଦ୍ର ଶିଳ୍ପ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନୀ ପାଇଁ ଏସଏନଏମ ବିଜିନେସ ପ୍ରାଇଭେଟ ଲିମିଟେଡ ଓ ଶ୍ରେଷ୍ଠ ସାଜସଜ୍ଜା ପାଇଁ ୱେଲମେକ୍ ପ୍ଲାଷ୍ଟିକସ, ଟ୍ରେଡ ଓ କମର୍ସ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନୀ ପାଇଁ ଏମ ଏମ ସର୍ଭିସେସ ଏବଂ ଶ୍ରେଷ୍ଠ ସାଜସଜ୍ଜା ପାଇଁ ଜିନିଅସ ଟ୍ରେଡର୍ସ, ଅଟୋମୋବାଇଲ ବିଭାଗରେ ଶ୍ରେଷ୍ଠ ଚାରି ଚକିଆ ପ୍ରଦର୍ଶନୀ ପାଇଁ ବାସନ୍ତୀ ଅଟୋ ଏଜେନ୍ସି ଓ ଶ୍ରେଷ୍ଠ ଦୁଇ ଚକିଆ ପ୍ରଦର୍ଶନୀ ପାଇଁ ବାଲେଶ୍ୱର ଟିଭିଏସକୁ ପୁରସ୍କୃତ କରାଯାଇଥିଲା। ସେହିପରି ବାର୍ଜୋଜି ହୋଟେଲକୁ ଖାଦ୍ୟ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନୀ ପାଇଁ ପୁରସ୍କାର ଦିଆଯାଇଥିଲା। ସରକାରୀ ବିଭାଗରେ ବଳରାମ ବରଙ୍କୁ ହସ୍ତଶିଳ୍ପ, ଜ୍ୟୋତ୍ସ୍ନା ଇଞ୍ଜିନିୟରିଂ ସପର ସଞ୍ଜୁଲତା ଦଳେଇଙ୍କୁ ଡିଆଇସି, ବିଜୟିନୀ ପିଜିର ଆରତୀ ସାହୁଙ୍କୁ ଓରମାସ, ପିବି ହ୍ୟାଣ୍ଡିକ୍ରାଫ୍ଟର ବାସନ୍ତୀ ନାୟକ ପ୍ରମୁଖଙ୍କୁ ମୁଖ୍ୟଅତିଥି ପୁରସ୍କାର ଦେଇଥିଲେ। ଏହା ସହିତ ସମାଜସେବା ପାଇଁ ଭାସ୍କର ଚନ୍ଦ୍ର ଜେନା ଓ ଜୁନିଅର ମିସ ଇଣ୍ଡିଆ ୨୦୨୬ ହୋଇଥିବା ସାନଭି ପାଣିଙ୍କୁ ବିସିଆଇସି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏକ୍ସପୋର ୬ ଦିନ ମଧ୍ୟରେ ପରିବେଶିତ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସ୍କୁଲ ବିଭାଗରେ ଫକୀରମୋହନ ଆର୍ଟିଷ୍ଟିକ ମ୍ୟୁଜିକ ସ୍କୁଲ ପ୍ରଥମ, ଝାଡେଶ୍ୱର ଇଂଟରନ୍ୟାସନାଲ (ସିନିଅର) ସ୍କୁଲ ଦ୍ୱିତୀୟ ଓ ସେଂଟ ଜାଭିୟର ଇଣ୍ଟରନ୍ୟାସନାଲ ସ୍କୁଲ ତୃତୀୟ ପୁରସ୍କାର ଏବଂ ନୃତ୍ୟାନୁଷ୍ଠାନ ବିଭାଗରେ ସୋନପରୀ ପ୍ରଥମ, ଦେବାଂଶୀ ଡାନ୍‌ସ ଏକାଡେମୀ ଦ୍ୱିତୀୟ ଓ ଏନଜି ଡାନ୍‌ସ ଷ୍ଟୁଡିଓ ତୃତୀୟ ପୁରସ୍କାର ପାଇଥିଲେ। ଏକ୍ସପୋ ଆୟୋଜନରେ ସହଯୋଗ ପାଇଁ ବିଷ୍ଣୁ ପ୍ରସାଦ ମାରୁ, ଶୁଭେନ୍ଦୁ ଦାଶ, ଶୋଭନ ଦାସ ମହାପାତ୍ର, ନୀଳ ମାଧବ ବିଶ୍ୱାଳ, ସୁଶାନ୍ତ ପଣ୍ଡା, ଚିନ୍ମୟ ବିଶ୍ୱାଳ, ଅୟେନ୍ ସେନ, ରାଧାନାଥ ରଥ, ଅରବିନ୍ଦ ସାହୁ, ପାର୍ଥ ସାରଥି ଧଳ, ପଂଚାନନ ମାଝୀ, ରମେଶ ନାୟକ, ରଞ୍ଜନ କୁମାର ଜେନା, ଦେବଜ୍ୟୋତି ଦାସ ମହାପାତ୍ର, ଦେବ ସାରଥି ଓ ସେଲୋପିଡିଆ ଟିମ୍ ପ୍ରମୁଖଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ସଭା ପୂର୍ବରୁ ସ୍ଥାନୀୟ ବିଦ୍ୟାଳୟ ଓ ନୃତ୍ୟାନୁଷ୍ଠାନଗୁଡ଼ିକର କଳାକାରଙ୍କ ନୃତ୍ୟ ପରେ ଓଲିଉଡର ଆଗଧାଡିର କଣ୍ଠ ଶିଳ୍ପୀ ସୁଙ୍କାନି ମହାପାତ୍ର ଆକର୍ଷଣୀୟ ସଙ୍ଗୀତ ପରିବେଷଣ କରିଥିଲେ।






## ଜିଲ୍ଲାପାଳଙ୍କ ଜନଶୁଣାଣି ପ୍ରହସନ

# ୭୯ ଅଭିଯୋଗ, ୬ଟିର ହେଲା ସମାଧାନ

ଭୋଗରାଇ, ୨୭।୧ (ସମିସ)



ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜନଶୁଣାଣିରେ ୭୯ଟି ବିଭିନ୍ନ ଅଭିଯୋଗ ହୋଇଥିବାବେଳେ ମାତ୍ର ୬ ଟି ସମସ୍ୟାର ସମାଧାନ ହୋଇଛି। ଫଳରେ ଜନଶୁଣାଣୀ ଏକ ପ୍ରହସନରେ ପରିଣତ ହୋଇଥିବାର କୁହାଯାଉଛି।

ଜିଲ୍ଲା ପ୍ରଶାସନ ପକ୍ଷରୁ ପୂର୍ବରୁ ଭୋଗରାଇ ବ୍ଲକରେ ମଙ୍ଗଳବାର ବିଭିନ୍ନ ସମସ୍ୟାର ଅଭିଯୋଗ ଓ ଜନଶୁଣାଣି ସୂଚନା ଦିଆଯାଇଥିଲେ ମଧ୍ୟ ବ୍ଲକ ପ୍ରଶାସନର ଖାମଖିଆଲି ନୀତି ଯୋଗୁ ଏହି ଜନଶୁଣାଣି ଲୋକଙ୍କ ପାଖରେ ନ ପହଞ୍ଚିବାରୁ ଏଭଳି ସ୍ଥିତି ଉପୁଜିଛି ବୋଲି ବହୁ ଲୋକେ ଅଭିଯୋଗ କରିଛନ୍ତି। ଭୋଗରାଇ ବ୍ଲକର ସାଢେ ୩ ଲକ୍ଷ ଲୋକସଂଖ୍ୟା ଥିବାବେଳେ ବ୍ଲକ ପ୍ରଶାସନ ୫୦ ପଞ୍ଚାୟତର ଜନପ୍ରତିନିଧିଙ୍କୁ ନ ଜଣାଇ ଏହି ଶୁଣାଣି ପାଇଁ କୌଣସି ସଚେତନତା କାର୍ଯ୍ୟକ୍ରମ କରିନଥିବା ଅଭିଯୋଗ ହୋଇଛି। କେବଳ ବ୍ଲକ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ଜନଶୁଣାଣି ନିମନ୍ତେ ନୋଟିସ ଟଙ୍ଗା ଯାଇଛି। ଏପରିକି ଜନଶୁଣାଣି ସମୟରେ ଜିଲାପାଳ ସମେତ ଅନ୍ୟ ବିଭାଗୀୟ ଉଚ୍ଚ ପଦାଧିକାରୀ ଲୋକଙ୍କ ଅଭିଯୋଗ ଶୁଣୁଥିବାବେଳେ ବହୁ ବିଭାଗର ଅଧିକାରୀ ଓ କର୍ମଚାରୀ ଅନୁପସ୍ଥିତ ରହିବା ସହିତ ଜିଲାପାଳଙ୍କ ଆଢୁଆଳରେ କେତେକ ବିଭାଗର କର୍ମଚାରୀ ନାଁ ରେଜିଷ୍ଟର କରି ଶୁଣାଣି ସମୟରେ ଗୃହରୁ ପ୍ରଥମରୁ ଅନ୍ତର୍ଦ୍ଧାନ ହୋଇଥିବାର ଅଭିଯୋଗ ହୋଇଛି। ଜିଲା ପ୍ରଶାସନ ଜନଶୁଣାଣି ସମୟରେ କର୍ମଚାରୀ ଉପସ୍ଥିତ ଦର୍ଶାଇ ଅନୁପସ୍ଥିତ ରହିବା ତଦନ୍ତ କରାଯାଇ ଠକ କର୍ମଚାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ବ୍ଲକ ପ୍ରଶାସନର ଅବହେଳା ଓ ଖାମଖିଆଲି ନୀତି ଯୋଗୁଁ ଜନଶୁଣାଣି ଥରକୁ ଥର ଲୋକଙ୍କର ଆସ୍ଥା ହରାଉ ଥିବାର ବିଭିନ୍ନ ମହଲରୁ ଅଭିଯୋଗ ହୋଇଥିବାବେଳେ ରାଜ୍ୟସରକାର ଏଥି ପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ଏହି ଜନଶୁଣାଣିରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ,ଏସପି ପ୍ରତ୍ୟୁଷ ଦିବାକର, ଉପଜିଲାପାଳ ଶିବ ମାଲବ୍ୟ,ଏଡିଏମ ହେମନ୍ତ ସିଂ (ରାଜସ୍ୱ),ଜିଲାପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସଂଜୟ କୁମାର ରାଉତ, ଜିଲ୍ଲାପ୍ରକଳ୍ପ ଅଧିକାରୀ ଅମ୍ବୁଜ କୁମାର ମହନ୍ତ, ଜିଲା ଚିକିତ୍ସାଧିକାରୀ ପ୍ରଭାତ କୁମାର ବେହେରା, ଗ୍ରୀଭେନ୍ସ ଅଫିସର ଅମ୍ଲାନ ନାୟକ, ବିଡ଼ିଓ ପ୍ରଶାନ୍ତ କୁମାର ମହାରଣା, ତହସିଲଦାର ସୂର୍ଯ୍ୟ କୁମାର ନାୟକ ସହ ବିଭିନ୍ନ ବିଭାଗର ଜିଲା ଉଚ୍ଚ ପଦାଧିକାରୀ ଯୋଗ ଦେଇଥିଲେ।

# ତଳେ ବସି ନ୍ୟାୟ ପାଇଁ ନିବେଦନ କଲେ ଚାଷୀ



ବାଲେଶ୍ୱର(ଉତ୍ତର),୨୭।୧(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ ଆଜି ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ବେଳେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜନୈକ ଚାଷୀ ଜିଲ୍ଲାପାଳଙ୍କୁ କାକୁତି ମିନତୀ ହେବା ସହିତ ଚଟାଣରେ ବସି ନ୍ୟାୟ ଭିକ୍ଷା କରିବା ଚର୍ଚ୍ଚାର ବିଷୟ ପାଲଟିଥିଲା। ସେଠାରେ ଥିବା ପୁଲିସ ତାଙ୍କୁ ତଳୁ ଉଠାଇବା ପରେ ଜିଲ୍ଲାପାଳ ସୂର୍ଯ୍ୟ ବଂଶୀ ମୟୁର ବିକାଶ ସମ୍ପୃକ୍ତ ଚାଷୀଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ବିଚାର କରାଯିବାର ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ ଯେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଦାହୁଣଦା ସମବାୟ ସମିତିରେ ଦୀର୍ଘ ୯ ବର୍ଷ ତଳେ କେତେକ କର୍ମଚାରୀ ମାନେ ଚକ୍ରାନ୍ତକତା ପୂର୍ବକ ନକଲି କାଗଜପତ୍ର ପ୍ରସ୍ତୁତ କରି ଚାଷୀ ମାନଙ୍କ ନାମରେ କୋଟି କୋଟି ଟଙ୍କାର ଋଣ ହଡପ କରିଥିଲେ। ଯାହାକୁ ନେଇ ନିରୀହ ଚାଷୀ ମାନେ ଆଜି ପର୍ଯ୍ୟନ୍ତ ଋଣ ଭାରରୁ ମୁକୁଳି ନାହାନ୍ତି କିମ୍ବା ସମିତିରୁ ମଧ୍ୟ ଆଉ ନୂଆ ଋଣ ପାଇ ପାରୁ ନାହାନ୍ତି। ଏ ନେଇ ବାରମ୍ବାର ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଅଭିଯୋଗ କଲେ ମଧ୍ୟ କୌଣସି ସମାଧାନ ହୋଇ ପାରୁ ନାହିଁ। ଫଳରେ ଜଣେ ଜଣେ ଚାଷୀ ଲକ୍ଷ ଲକ୍ଷ ଟଙ୍କାର ଋଣ ଭାରରେ ବୁଡ଼ି ରହିଛନ୍ତି। ଯାହାକୁ ନେଇ ଆଜି ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଚାଲିଥିବା ବେଳେ ବନବିହାରୀ ଦାସ ନାମକ ଜଣେ ଚାଷୀ ଜିଲ୍ଲାପାଳଙ୍କଠାରେ ଅଭିଯୋଗ ଆଣି ୯ ବର୍ଷ ତଳେ ହୋଇଥିବା ଏହି ଦୁର୍ନୀତିର ତଦନ୍ତ ପାଇଁ ନିବେଦନ କରି ତଳେ ବସିଯାଇଥିଲେ। ଖୁବ ଶୀଘ୍ର ଏହାର ତଦନ୍ତ କରି ମିଥ୍ୟା ଋଣରେ ଛନ୍ଦି ଯାଇଥିବା ଚାଷୀ ମାନଙ୍କୁ ମୁକ୍ତକରିବା ସହିତ ସେମାନଙ୍କୁ ସମିତିରୁ ପୁଣି ଋଣ ପ୍ରଦାନ କରିବା ପାଇଁ ଦାବି କରିଥିଲେ। ପୂର୍ବରୁ ଚାଷୀ ମାନେ ସମବାୟ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ପାଖରୁ ଆରମ୍ଭ କରି ମନ୍ତ୍ରୀ ଏବଂ ଭିଜିଲାନ୍ସ ପର୍ଯ୍ୟନ୍ତ ଅଭିଯୋଗ କରିଆସୁ ଗଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହାର କୌଣସି ସୁସମାଧାନ ହୋଇପାରୁ ନଥିବାରୁ ଗରିବ ଚାଷୀମାନେ ହନ୍ତସନ୍ତ ହେଉଛନ୍ତି।ତେଣୁ ଏହି ସମସ୍ୟାକୁ ଗୁରୁତର ସହ ବିଚାର କରିବାକୁ ଜିଲ୍ଲାପାଳଙ୍କୁ ଏଭଳି ଢଙ୍ଗରେ ନିବେଦନ କରିଥିବା ଚାଷୀ ଶ୍ରୀ ଦାସ ପ୍ରୟାସ କରିଥିଲେ।

# ପୂର୍ବ ଭାରତୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବ 'ଉତ୍ସାହ-୨୦୨୬'




ବାଲେଶ୍ୱର,୨୭।୧(ସମିସ): ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ, ନୂଆଦିଲ୍ଲୀଙ୍କ ନିର୍ଦ୍ଦେଶନାରେ ଓ ସହଯୋଗରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ୩୯ତମ ପୂର୍ବାଞ୍ଚଳ ଆନ୍ତଃ-ବିଶ୍ୱବିଦ୍ୟାଳୟ ଯୁବମହୋତ୍ସବ "ୟୁନିଫେଷ୍ଟ୨୦୨୫/୨୬' (ଉତ୍ସାହ-୨୦୨୬) ଆରମ୍ଭ ହୋଇଛି। ବ୍ୟାସବିହାର ପରିସର ପାଞ୍ଚଦିନ ଧରି ଯୁବ ସୃଜନଶୀଳତାର କେନ୍ଦ୍ରବିନ୍ଦୁ ହୋଇ ଉଠିଛି। ଏହି ମହୋତ୍ସବରେ ଓଡ଼ିଶା, ବିହାର, ଛତିଶଗଡ଼ ଓ ପଶ୍ଚିମବଙ୍ଗ ଏହି ଚାରିଟି ପୂର୍ବ ଭାରତୀୟ ରାଜ୍ୟର ୨୦ଟି ବିଶ୍ୱବିଦ୍ୟାଳୟରୁ ୮୦୦ରୁ ଅଧିକ ଛାତ୍ରଛାତ୍ରୀ, ଦଳନାୟକ ଓ ଅଧ୍ୟାପକ ଯୋଗଦେଇଥିବାରୁ ବ୍ୟାସବିହାର ପରିସର ଯୁବ ପ୍ରତିଭାର ଏକ ବିଶାଳ ମଞ୍ଚରେ ପରିଣତ ହୋଇଛି। ଉଦ୍‌ଘାଟନୀ ସମାରୋହରେ ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବପିଢ଼ିଙ୍କୁ ସଂସ୍କୃତି, ସୃଜନଶୀଳତା ଓ ଜାତୀୟ ଏକତାର ମୂଲ୍ୟବୋଧ ସହ ଆଗକୁ ବଢ଼ିବାକୁ ଆହ୍ୱାନ ଜଣାଇଥିଲେ। ଏହି ଅବସରରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, କୁଳସଚିବ କୁକୁମୀନା ଦାସ ସହ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ଅଧ୍ୟାପକମାନେ ଉପସ୍ଥିତ ଥିଲେ। ସନ୍ଧ୍ୟାବେଳେ ଆୟୋଜିତ ସାଂସ୍କୃତିକ ସନ୍ଧ୍ୟାକୁ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରତିଯୋଗୀମାନଙ୍କ ସଙ୍ଗୀତ ଓ ନୃତ୍ୟ ପରିବେଷଣ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ମହୋତ୍ସବରେ ସଙ୍ଗୀତ, ନୃତ୍ୟ, ନାଟକ, ସାହିତ୍ୟ ଓ ସୂକ୍ଷ୍ମ କଳା ସମେତ ୬ ଟି ବିଭାଗ ଅଧୀନରେ ମୋଟ ୨୮ ଟି ପ୍ରତିଯୋଗିତା ଆୟୋଜିତ ହେଉଛି। ଏହା ଯୁବ ପ୍ରତିଭାଙ୍କୁ ଜାତୀୟ ମଞ୍ଚ ଦେବା ସହ ସାଂସ୍କୃତିକ ସମନ୍ୱୟ ଓ ସହଭାଗିତାର ସନ୍ଦେଶ ପ୍ରଚାର କରୁଛି। ମହୋତ୍ସବ ସଫଳ କରିବା ପାଇଁ ଆବାସ, ଆତିଥ୍ୟ, ଯାତାୟାତ, ଛାତ୍ରଛାତ୍ରୀଙ୍କ ସୁରକ୍ଷା, ପ୍ରତିଯୋଗିତାର ସୁସଂଯୋଜିତ ଆୟୋଜନ ଓ ମଞ୍ଚ ପରିଚାଳନା ସହ ସମସ୍ତ ବ୍ୟବସ୍ଥା ସୁଚାରୁ ଭାବେ କରାଯାଇଥିବା ବେଳେ ସାରା ପୂର୍ବ ଭାରତରୁ ଉତ୍ସାହଜନକ ସମର୍ଥନ ମିଳିଛି।

# ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

ନୀଳଗିରି, ୨୭।୧ (ସମିସ): ନୀଳଗିରି ବ୍ଲକ ଧୋବଶିଳା ପଞ୍ଚାୟତ ଧୋବଶିଳା ଜଗଦଳ ପୋଖରୀଠାରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ପ୍ରଚେଷ୍ଟାରେ ପାରାଦୀପ ପୋର୍ଟର ସିୱିଙ୍ଗ ମେସିନ ୱାର୍କ ସଂପର୍କରେ ୧୪ ଲକ୍ଷ ୭୯ ହଜାର ୫୦୦ ଟଙ୍କା ଅନୁଦାନ ରାଶିରେ ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପର ଶୁଭ ଉଦଘାଟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଂସଦ ପ୍ରତାପ ଷଡ଼ଙ୍ଗୀ ଯୋଗଦେଇ ପ୍ରକଳ୍ପର ଉଦଘାଟନ କରିଥିଲେ। ଏହି ଅବସରରେ ସିୱିଙ୍ଗ ମେସିନ ୱାର୍କ ସପର ଭୁବନେଶ୍ୱର ଅର୍ଗାନାଇଜର ସଂଜୀବ ଦାସ, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ସ୍ଥାନୀୟ ସରପଞ୍ଚ ଦିଲ୍ଲୀପ ସିଂ, ସମିତି ସଭ୍ୟ ପାଗୁଲୁ ସିଂ, ବିଜେପି ଯୁବନେତା ତାପସ ମହାନ୍ତି, ମଣ୍ଡଳ ସଭାପତି ରତିକାନ୍ତ ସିଂ, ନାଏବ ସରପଞ୍ଚ ଜୟନ୍ତୀ ମଲ୍ଲିକ ପ୍ରମୁଖ ମଞ୍ଚାସୀନ ଥାଇ ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।

# ସୋହରିଆ ପଞ୍ଚାୟତରେ ବିଜେଡିର ସାଂଗଠନିକ ବୈଠକ



ଭୋଗରାଇ,୨୭।୧(ସମିସ): ବିଜୁ ଜନତା ଦଳ ହେଉଛି ସାଧାରଣ ଜନତାଙ୍କ ସ୍ୱର। ଦଳ ସରକାରରେ ଥାଉ ବା ନଥାଉ ଲୋକଙ୍କ ସମସ୍ୟାକୁ ସମାଧାନ କରୁଥିଲା ଆଜି ବି କରୁଛି। ଗାଁ ଗାଁରେ ଦଳର ପ୍ରତିଟି କର୍ମୀ ଜଣେ ଜଣେ ସିପାହୀ ଭାବେ ରହିଛନ୍ତି। ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ତୃଣମୂଳ ସ୍ତରରେ ସଙ୍ଗଠନକୁ ପୂର୍ବବତ ମଜବୁତ ରଖିବାକୁ ଆଜି ଭୋଗରାଇ ବ୍ଲକ ସୋହରିଆ ପଞ୍ଚାୟତରେ ଆୟୋଜିତ ଏକ ବନ୍ଧୁ ମିଳନ ଉତ୍ସବରେ ଯୋଗଦେଇ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ କର୍ମୀମାନଙ୍କୁ ସଂକଳ୍ପବଦ୍ଧ କରାଇଛନ୍ତି। ସୋହରିଆ ପଞ୍ଚାୟତ ନରସିଂହପୁର ଗ୍ରାମରେ ଆୟୋଜିତ ବିଜେଡ଼ିର ସାଂଗଠନିକ ବୈଠକ ଓ ବନ୍ଧୁ ମିଳନ ଉତ୍ସବରେ ବ୍ଲକ ବିଜେଡ଼ି ସଭାପତି ରମାକାନ୍ତ କରଣ ସଭାପତିତ୍ୱ କରିଥିବା ବେଳେ ପଞ୍ଚାୟତ ବିଜେଡ଼ି ଉପସଭାପତି ସରୋଜ କୁମାର ବେହେରା ମଞ୍ଚ ସଂଚାଳନ କରିଥିଲେ। ମୁଖ୍ୟଅତିଥି ଭାବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଯୋଗ ଦେଇ କହିଥିଲେ ଯେ ରାଜ୍ୟରେ ଡବଲ ଇଂଜିନ ସରକାର ଏକ ଅପାରଗ ସରକାର ଓ ରଙ୍ଗମରା ସରକାର। ଓଡ଼ିଶା ସରକାରଙ୍କର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ଏବେ ଓଡ଼ିଆ ନୁହଁ ଗୁଜୁରାଟର ଠିକାଦାର କରୁଛନ୍ତି, ଓଡ଼ିଆ ଅସ୍ମିତା ଆଜି ଚୁଲିକୁ ଗଲାଣି। ସରକାରଙ୍କ ଆୟୁଷ୍ମାନ କାର୍ଡ ଶ୍ମଶାନ କାର୍ଡ ବୋଲି ପରିଲକ୍ଷିତ ହେଉଛି। ମୁଖ୍ୟବକ୍ତା ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ବ୍ଲକ ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ବିଜେଡ଼ି କାର୍ଯ୍ୟକାରୀ ସଭାପତି ଗଣପତି ଗିରି,ଜିଲ୍ଲା ପରିଷଦ ସଦସ୍ୟା ନିବେଦିତା ମହାନ୍ତି, କବିତା ମହାନ୍ତି, ପ୍ରତିମା ଚାନ୍ଦ, ସୋହରିଆ ସରପଞ୍ଚ ଜଗନ୍ନାଥ ସେଠୀ, ସମିତି ସଦସ୍ୟ ସବିତା ସାହୁ, ପୂର୍ବତନ ସରପଞ୍ଚ ସେକ ଅବଦୁଲ ମସଜିଦ, ପଞ୍ଚାୟତ ପର୍ଯ୍ୟବେକ୍ଷକ ଶ୍ରୀପତି ଭୂଷଣ ସେଠୀ, ପଞ୍ଚାୟତ ବିଜେଡ଼ି ସଭାପତି ସର୍ବେଶ୍ୱର ପ୍ରଧାନ, ନାଏବ ସରପଞ୍ଚ ବାସନ୍ତୀ ବେଜ ପ୍ରମୁଖ ଉପସ୍ଥିତ ହୋଇ ତୃଣମୂଳ ସ୍ତରରେ ବିଜେଡ଼ି ଦଳକୁ ମଜବୁତ୍ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ଶେଷରେ ସୁବାଷ ଚନ୍ଦ୍ର ଦେ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ନାୟବ ସରପଞ୍ଚ ବାସନ୍ତୀ ବେଜ,ସୁଶିଲ ଦତ୍ତ, ହରିହର ମଣ୍ଡଳ, ହିମାଂଶୁ ଦାସ ସନ୍ତୋଷ ଦାସ ବ୍ରଜଗୋପାଳ ପାଳ ମହେଶ୍ୱର ବେହେରା ମନୋଜ୍ ମହାନ୍ତି ରାମକୃଷ୍ଣ ପ୍ରଧାନ ଗୌରହରି ଧାମିଡା ଅନିଲ ସାହୁ ଭୁବନ ଦେ ଉତ୍ତମ ତ୍ରିପାଠୀ ସୁନିଲ ଦେ ନନୀଗୋପାଳ ବାରିକ ସାହେବ ଗିରି ବିଜୟ ମଣ୍ଡଳ ଆଦି ୩ ହଜାରରୁ ଅଧିକ ନେତା ଓ କର୍ମୀ ଏହି ବନ୍ଧୁମିଳନରେ ଉପସ୍ଥିତ ଥିଲେ।

## ବସ୍ ମାଲିକ ସଂଘ ବିବାଦ: ଥାନାରେ ୮ ଅଟକ

ସୋର, ୨୭।୧(ସମିସ): ସୋର ଘରୋଇ ବସ ସଙ୍ଘ ଏବଂ ବାଲେଶ୍ୱର ଘରୋଇ ବସ ସଙ୍ଘ ମଧ୍ୟରେ ବିବାଦ ଉଗ୍ର ରୂପ ଧାରଣ କରିଥିବା ବେଳେ ଆଠ ଜଣଙ୍କୁ ସୋର ପୁଲିସ ଥାନାରେ ଅଟକ ରଖିଛି। ଗତ କିଛିଦିନ ହେବ ବାଲେଶ୍ୱରରେ ସୋରର ଘରୋଇ ବସକୁ ବାଲେଶ୍ୱର ଷ୍ଟାଣ୍ଡରୁ ଯାତ୍ରୀ ଉଠାଇବାକୁ ଦେଉ ନ ଥିଲେ। ଫଳରେ ଆଜି ସକାଳେ ଗୁଡ଼ରୁ ବାଲେଶ୍ୱର ଯାଉଥିବା ଜଗନ୍ନାଥ ବସକୁ ସୋରରେ ଅଟକା ଯାଇଥିଲା। ଏହାର କର୍ମଚାରୀ ମାନେ ଜଣେ ସୁପରଭାଇଜରକୁ ବସରେ ବାଲେଶ୍ୱର ନେଇଯିବାକୁ ଚେଷ୍ଟା କରିଥିଲେ। ଖବର ପାଇ ସୋର ସଂଘରୁ କିଛି ବ୍ୟକ୍ତି ଯାଇ ବିଦୁ ନିକଟରେ ବସକୁ ଅଟକାଇ ସୁପରଭାଇଜରଙ୍କୁ ମୁକୁଳାଇ ଥିଲେ। ଏହି ସମୟରେ ସେଠାରେ ବଚସା ହେବା ସହିତ ଗଣ୍ଡଗୋଳ ହୋଇଥିଲା। ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ବୁଝାସୁଝା କରି ପଠାଇ ଦେଇଥିଲେ। କିନ୍ତୁ ଜଗନ୍ନାଥ ବସ ବାଲେଶ୍ୱର ଷ୍ଟାଣ୍ଡରେ ପହଞ୍ଚିବା ପରେ ସେଠାରେ ମାଣିକ ବସ ଛାଡିବାକୁ ପ୍ରସ୍ତୁତ ହେଉଥିଲା। ଏହି ସମୟରେ ଜଗନ୍ନାଥ ବସର କର୍ମଚାରୀଙ୍କ ସହିତ ମାଲିକଙ୍କ ପୁଅ ସେଠାରେ ପହଞ୍ଚି ଗଣ୍ଡଗୋଳ ବାବଦରେ ଜାଣି ନ ଥିବା କଣ୍ଡକ୍ଟର ରଘୁନାଥ ସେଠୀଙ୍କୁ ଅତର୍କିତ ଭାବରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ବାବଦରେ ସହଦେବଖୁଣ୍ଟା ଥାନାରେ ଅଭିଯୋଗ ହୋଇଥିଲା। କିନ୍ତୁ ରଘୁନାଥଙ୍କୁ ମାଡ଼ ହୋଇଥିବା ଖବର ପାଇ ତାଙ୍କ ଗ୍ରାମବାସୀମାନେ ବିଦୁ ନିକଟରେ ଜଗନ୍ନାଥ ବସକୁ ଅଟକାଇ ଥିଲେ। କିନ୍ତୁ ବସରେ ଆକ୍ରମଣ କରିଥିବା କର୍ମଚାରୀ ମାନେ ନ ଥିବାରୁ ସମସ୍ତଙ୍କୁ ସେଠାକୁ ଆସିବା ପାଇଁ ଅଡ଼ି ବସିଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହିତ ବସକୁ ଥାନାକୁ ଆଣିବାର ପ୍ରତିଶ୍ରୁତି ଦେଇ ସମସ୍ତଙ୍କୁ ଥାନାକୁ ଡାକିଥିଲେ। କିନ୍ତୁ ପୁଲିସ ବସକୁ ଥାନାକୁ ନ ଆଣି ଗୁଡ଼ ଅଭିମୁଖେ ନେଇଯିବାରୁ ମେଡିକାଲ ଛକରେ ବସକୁ ଅଟକାଇଥିବା ଲୋକଙ୍କ ସହିତ ପୁଲିସର ଯୁକ୍ତିତର୍କ ହୋଇଥିଲା। ଫଳରେ ପୁଲିସ ବସଟିକୁ ଥାନାକୁ ଆଣିବା ସହିତ ପୁଲିସକୁ ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ରଘୁନାଥଙ୍କ ସମେତ ୮ ଜଣଙ୍କୁ ଥାନାରେ ଅଟକ ରଖିଛି।

## ସୋର ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ

ସୋର,୨୭।୧(ସମିସ): ସୋର ବ୍ଲକ ପାଖର ପଞ୍ଚାୟତ ଗୋପୀନାଥପୁର ଗ୍ରାମରେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶରେ ସୋର ତହସିଲ ପକ୍ଷରୁ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ସୋର ବ୍ଲକ ପାଖର ପଞ୍ଚାୟତ ଗୋପିନାଥପୁର ଗ୍ରାମରେ ୧୬ ପରିବାର ଦିର୍ଘ ବର୍ଷ ହେବ ସରକାରୀ ଜାଗାରେ ଘର କରି ରହିଥିଲେ। ଏ ନେଇ ଗ୍ରାମର କିଛି ବ୍ୟକ୍ତି ସୋର ତହସିଲରେ ଅଭିଯୋଗ କରିବା ପରେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶରେ ଆଜି ମଧ୍ୟାହ୍ନରେ ସୋର ତହସିଲଦାର ଦୈତାରି ମଲ୍ଲିକ ସୋର ପୁଲିସ ସହଯୋଗରେ ଏହି ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ କରିଥିଲେ। ଏହି ସମୟରେ ସରକାରୀ ଜାଗାରେ ହୋଇଥିବା ସମସ୍ତ ୧୬ଟି ଘରକୁ ଭଙ୍ଗା ଯାଇଥିଲା।

# ବିଭିନ୍ନ ସ୍ଥାନରେ ୭୭ତମ ସାଧାରଣତନ୍ତ୍ର ଦିବସ









କାଳିପଦା, ୨୭।୧ (ସମିସ)

ବାଲିଆପାଳ ବ୍ଲକ ସମେତ ଗ୍ରାମାଞ୍ଚଳରେ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବାଲିଆପାଳ ବ୍ଲକ ପରିସରରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା ନାୟକ ଜାତୀୟ ପତାକାକୁ ଉତ୍ତୋଳନ କରିଥିବାବେଳେ ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ବିଡ଼ିଓ ରାଧା ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସୁବର୍ଣ୍ଣ ରେଖା ପ୍ରେସ କ୍ଲବରେ ପ୍ରାକ୍ତନ ଏସ ଆଇ ଅଫ ସ୍କୁଲସ୍ ମନ୍ମଥ କୁମାର ସାହୁ ପତାକା ଉତ୍ତୋଳନ କରିଥିବା ବେଳେ ଅଧ୍ୟାପକ ଡ. ସୁକାନ୍ତ ଗିରି, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ପାଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ସୈନିକ ସଂଗଠନରେ ସଭାପତି କମଳ ଲୋଚନ ପିଳା ପତାକା ଉତ୍ତୋଳନ କରିଥିଲେ। ଜାମଶୂଳୀ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଦିବ୍ୟେନ୍ଦୁ ଗିରି ପତକା ଉତ୍ତୋଳନ କରିଥିଲେ। ସେହିପରି ବ୍ଲକଛକରେ ଶ୍ରଦ୍ଧାକ୍ଷେତ୍ର ଖାଦ୍ୟ ବ୍ୟବସାୟୀ ସଂଘ,ବଣିକ ସଂଘ ଓ ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚ ପକ୍ଷରୁ ମିଳିତ ଭାବେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇ ଥିଲା। ଏଠାରେ ଜାତୀୟ ପତାକାକୁ ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚର ସଭାପତି ସତ୍ୟକାମ ମହାନ୍ତି ଉତ୍ତୋଳନ କରିଥିଲେ। ବସ ଷ୍ଟାଣ୍ଡରେ ପ୍ରାକ୍ତନ ସରପଞ୍ଚ ମଧୁସୂଦନ ବାରିକ ପତାକା ଉତ୍ତୋଳନ କରିଥିଲେ।

**ରେମୁଣା:** ସାଧାରଣତନ୍ତ୍ର ଦିବସ ରାଷ୍ଟ୍ର ଜାଗରଣ ସମିତି ତରଫରୁ ରେମୁଣା ମନ୍ଦିର ଛକ ଠାରେ ଜାତୀୟ ପତାକା ଉତ୍ତୋଳନ ହୋଇଯାଇଛି। ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଜାତୀୟ ପତାକା ଉତ୍ତୋଳନ କରି ଅଭିଭାଷଣ ରଖିଥିଲେ। ସରୋଜ କୁମାର ବେହେରା ସଭାପତିତ୍ୱ କରିଥିଲେ। ଆବାହକ ଜୟନ୍ତ କୁମାର ପଣ୍ଡା ଦେଶ ପାଇଁ ଜୀବନ ଦେଇଥିବା ବୀର ମାନଙ୍କୁ ମନେପକେଇ ଭାଷଣ ଉପସ୍ଥାପନ ରଖିଥିଲେ।

**ମନୋଜ କୁମାର ହେଲଫି ସୋସାଇଟି:** ମନୋଜ କୁମାର ହେଲପିଙ୍ଗ ସୋସାଇଟି ତରଫରୁ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି । ସରୋଜ କୁମାର ସାହୁଙ୍କ ନେତୃତ୍ୱରେ ଆୟୋଜନ କରାଯାଇଥିଲା। ପରମେଶ୍ୱର ପାତ୍ର , ସୁକାନ୍ତ ଜେନା ବକ୍ତବ୍ୟ ରଖିଥିଲେ। ଭୁବନ ସାହୁ, କୌଶିକ ବେହେରା, ବିଶ୍ୱଜିତ ସେନ, ଉତ୍ତମ ସାହୁ, ହିମାଂଶୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ଜଳେଶ୍ୱର :** ଜଳେଶ୍ୱର ଟାଉନ ହଲ ପଡିଆ ଠାରେ ଜଳେଶ୍ୱର ମହୋତ୍ସବ କମିଟି ଦ୍ୱାରା ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ବକ୍ତବ୍ୟ ପ୍ରଦାନ କରିଥିଲେ। କମିଟିର ସଭାପତି ସମୀର କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଜଳେଶ୍ୱର ତହସିଲଦାର ଶ୍ରୀ ମହାନ୍ତି ଏବଂ ଏସ୍.ଡି.ପି.ଓ ସୁବ୍ରତ କୁମାର ବେହେରା ମିଳିତ ଭାବେ ଆୟୋଜିତ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ସେହିପରି ଜଳେଶ୍ୱର ପୌର ପରିଷଦରେ ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନଙ୍କ ଦ୍ୱାରା ପତାକା ଉତୋଳନ ହୋଇଥିବା ବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂଙ୍କ ସହିତ କେତେକ କାଉନସିଲର ତଥା ପୌର କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଜଳେଶ୍ୱର ବିକାଶ ପରିଷଦ ଆନୁକୂଲ୍ୟରେ ଗ୍ରାମୀଣ ମହୋତ୍ସବ ପଡିଆ ଠାରେ ଜଳେଶ୍ୱର ଟୋଟୋ ଓ ଅଟୋ ସଂଘ, ନରସୀମା କ୍ଲବ, ରାଇଜିଂ ହେଣ୍ଡ କ୍ଲବ, ସ୍ମାର୍ଟ ଅଗନ୍ତୁକ ଯୁଥ କ୍ଲବ, କଳା ଓ କଳାକାର ବିକାଶ ପରିଷଦ ଓ ଅଙ୍ଗନବାଡି କର୍ମୀ ସଂଘର ମିଳିତ ସହଯୋଗରେ ଗଣତନ୍ତ୍ର ଦିନବସ ପାଳନ ହୋଇଯାଇଛି। ଜଳେଶ୍ୱର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ ପତାକା ଉତୋଳନ କରିଥିଲେ। ସିପିଆଇ(ଏମ) ପାର୍ଟି କାର୍ଯ୍ୟାଳୟରେ ଦିଲ୍ଲୀପ କୁମାର ଗିରି ପତାକା ଉତ୍ତୋଳନ କରିଥିଲେ।

**ଲଙ୍ଗଳେଶ୍ୱର:** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଲଙ୍ଗଳେଶ୍ୱର ସ୍ଥିତ କାଳିଝାଟି ପଡିଆରେ ଲଙ୍ଗଳେଶ୍ୱର ପ୍ରେସ୍ କ୍ଲବ୍ ଆନୁକୂଲ୍ୟରେ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇ ଯାଇଛି। ଲଙ୍ଗଳେଶ୍ୱର ପ୍ରେସକ୍ଲବ ର ସାମ୍ବାଦିକ ରାଧାଗୋବିନ୍ଦ ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ମୁଖ୍ୟବକ୍ତା ଭାବରେ ବସ୍ତା ଏସଡିପିଓ ମାନସ ଦେଓ ଏବଂ ସମ୍ମାନିତ ଅତିଥି ଭାବରେ ପ୍ରକୃତି ମିତ୍ର ସୁମନ୍ତ କୁମାର ଜେନା,ଲଙ୍ଗଳେଶ୍ୱର ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ସଞ୍ଜୟ ଦାସ, ଦୁର୍ଗା ପ୍ରସନ୍ନ ମହାବିଦ୍ୟାଳୟର ସଭାପତି ଗଗନ ବିହାରୀ ବାରିକ, ଲଙ୍ଗଳେଶ୍ୱର ସଚ୍ଚିଦ୍ର କୁମାର ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ମୁର୍ମୁ, ବଣିଆଡିହା ପଞ୍ଚାୟତ ର ସମିତିସଭ୍ୟ କଟି ମାରେଣ୍ଡି ପ୍ରମୁଖ ଯୋଗଦେଇ ଥିଲେ। ଲଙ୍ଗଳେଶ୍ୱର ପ୍ରେସ୍ କ୍ଲବ୍ର ବରିଷ୍ଠ ସଦସ୍ୟ ସୁବଳ ଚନ୍ଦ୍ର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୋପୀକୃଷ୍ଣ ପଣ୍ଡା ମଞ୍ଚ ଆହ୍ୱାନ ଏବଂ ପ୍ରଦୀପ ଜେନା ବାର୍ଷିକ ବିବରଣୀ ପଠନ କରିଥିଲେ।

**ଖଇରା ସାମ୍ବାଦିକ ସଂଘ :** ଖଇରା ସାମ୍ବାଦିକ ପ୍ରକୋଷ୍ଠ ସମ୍ମୁଖରେ ଖଇରା ସାମ୍ବାଦିକ ସଂଘ ପକ୍ଷରୁ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇ ଯାଇଛି। ବରିଷ୍ଠ ସାମ୍ବାଦିକ ବଳରାମ ପଣ୍ଡା ପତାକା ଉତ୍ତୋଳନ କରିଥିଲେ। ସଭାପତି ଉତ୍କଳବନ୍ଧୁ ପଣ୍ଡା, ସାଧାରଣ ସମ୍ପାଦକ ବଳରାମ ଲେଙ୍କା, ଉପସଭାପତି ତପୋଧନ ବାରିକ, ଉପଦେଷ୍ଟା ଅନାମ ଚରଣ ପଣ୍ଡା, ନିରଞ୍ଜନ ବେହେରା, ସଞ୍ଜୟ କୁମାର ବେହେରା, କୋଷାଧ୍ୟକ୍ଷ ଧନଞ୍ଜୟ ପଣ୍ଡା, ଶମ୍ଭୁନାଥ ନାୟକ, ବିସ୍ମୟ ବେହେରା, ଦୁର୍ଗାମାଧବ ଓଝା, ଜୟନ୍ତ କୁମାର ରାଉତ, ରଘୁନାଥ ସାମଲ, ଉମେଶ କୁମାର ଜେନା ଓ ଯୁବ ସଙ୍ଗଠକ ତପନ କୁମାର ବୈଶାଖ ପ୍ରମୁଖ ଉପସ୍ଥିତ ଥିଲେ।

**ଭୋଗରାଇ :** ଭୋଗରାଇ ବ୍ଲକସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ଦେହୁର୍ଦ୍ଦା ପଞ୍ଚାୟତର ଥାନାଛକସ୍ଥିତ ହେଲିପେଡ ପଡ଼ିଆରେ ପାଳିତ ହୋଇଯାଇଛି। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବ୍ଲକ ଅଧ୍ୟକ୍ଷ ତଥା ସାଧାରଣତନ୍ତ୍ର ଦିବସ କମିଟିର ସଭାପତି ପ୍ରବୀର କୁମାର ଗିରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଶ୍ରୀ ଦାସ, ସମ୍ମାନିତ ଅତିଥି ଭାବେ ଭୋଗରାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଶାନ୍ତ ମହାରଣା, ଗୋଷ୍ଠୀ ଶିକ୍ଷାଧିକାରୀ ନିହାର ରଞ୍ଜନ ଦାସ, ବ୍ଲକ ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ଶିକ୍ଷାବିତ୍ ପଙ୍କଜାକ୍ଷ ପଣ୍ଡା, ଭୋଗରାଇ ଥାନା ଆଇଆଇସି ଜ୍ଞାନରଞ୍ଜନ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗଣପତି ଗିରି, ପୂର୍ବତନ ସରପଞ୍ଚ ରମାକାନ୍ତ କରଣ,ତପନ ପଣ୍ଡା, ପ୍ରାକ୍ତନ ବିଇଓ ମିହିର ପ୍ରଧାନ,ପୂର୍ବତନ ସମିତି ସଦସ୍ୟ ଭବେନ୍ଦ୍ର ସାହୁ, ଜିଲ୍ଲା ପରିଷଦ ସଦସ୍ୟା କବିତା ମହାନ୍ତି, ପ୍ରତିମା ଚାନ୍ଦ, କବି ଶ୍ରୀକୁମାର ଘୋଷ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

**ସିମୁଳିଆ :** ସିମୁଳିଆ ସମିତିରେ ବିଧାୟକ ପଦ୍ମଲୋଚନ ପଣ୍ଡା ପତାକା ଉତ୍ତୋଳନ କରିଥିଲେ। କୁନ୍ତଳା କୁମାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କୁନ୍ତଳା କୁମାରୀ ପଣ୍ଡା, ମୁଖ୍ୟବକ୍ତା ଯୁବନେତା ନୀଳମାଧବ ପଣ୍ଡା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଭଗବାନ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜନ ହୋଇଥିଲା। ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟର ଅଧ୍ୟାପିକା ପୁଷ୍ପଲତା ସେନାପତି, ବୁଲବୁଲ ପାଣିଗ୍ରାହୀ, ଅଧ୍ୟାପକ ବିମଳ ବାରିକ, ଶତ୍ରୁଘ୍ନ ସେଠି କର୍ମଚାରୀ ସୁଶାନ୍ତ ସେଠି ଓ ଧରଣୀଧର ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

**ବାଲିଆପାଳ:** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟ ପକ୍ଷରୁ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳନ ହୋଇଯାଇଛି। ମହାବିଦ୍ୟାଳୟର ସଭାପତି ଡ. ଅଦୈତ୍ୟ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲିଆପାଳ ବିଡିଓ ରାଧା ରଞ୍ଜନ ଦାଶ, ସମ୍ମାନିତ ଅତିଥି ଭାବେ ଆଇଆଇସି ସାଲଖାନ ମୁର୍ମୁ, କଲେଜ ଅଧ୍ୟକ୍ଷ ସୁଶାନ୍ତ କୁମାର ଦେ, ପରିଚାଳନା କମିଟିର ସଦସ୍ୟା ବିଷ୍ଣୁ ପ୍ରିୟା ମହାନ୍ତି ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ର ଛାତ୍ରୀଙ୍କ ଦ୍ୱାରା ପରେଡ଼ର ଅଭିବାଦନ ଗ୍ରହଣ କରିଥିଲେ। ବିଦ୍ୟାଳୟରର ଅଧ୍ୟାପକ ଡ଼ ସୁଶାନ୍ତ ଦାସ, ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲାବେଳେ ପ୍ରୋଗ୍ରାମ ଅଫିସର ଡ଼ ବିପିନ କୁମାର ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**ମଦର ଟେରେସା ସେବା ସଂଘ:** ବାଲିଆପାଳ ବ୍ଲକ ଅନ୍ତର୍ଗତ ଡଗରା ପଞ୍ଚାୟତସ୍ଥିତ ମଦର ଟେରେସା ସେବା ସଂଘ ବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ବାଲିଆପାଳ ଆଇଆଇସି ସାଲିଖାନ ମୁର୍ମୁ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଭିନ୍ନକ୍ଷମ ପିଲାମାନଙ୍କ ପରେଡ଼ର ଅଭିବାଦନ ଗ୍ରହଣ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁବାଷ ଚୈଧୁରୀ, ଜୟଦେବ ମହାନ୍ତି,ଅଜିତ କୁମାର ସେଠୀ, ପ୍ରତାପ ଚନ୍ଦ୍ର ଧଳ ପରେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

